## ମାଲିକଙ୍କ କାଟି ଚୋଟରେ ଶ୍ରମିକ ଗୁରୁତର

**ଦିଗପହଣ୍ଡି,(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ଗୋଲଣ୍ଡା ଗ୍ରାମରେ ରବିବାର ମାଲିକ ଏବଂ ଶ୍ରମିକ ହଣାହଣି ହୋଇ ଉଭୟେ ଗୁରୁତର ହୋଇଛନ୍ତି। ନୀଳମାଧବ ପାଣିଗ୍ରାହୀ ତାଙ୍କ ଘର ତିଆରିରେ ସେହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ନିୟୋଜିତ କରିଥିଲେ। ମଧ୍ୟାହ୍ନରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ନୀଳମାଧବ ରାଗି ଯାଇ ଏକ କାଟିରେ ପୂର୍ଣ୍ଣଚନ୍ଦ୍ରଙ୍କୁ ହାଣିଥିଲେ। ପରେ ପଲଟା ଆକ୍ରମଣରେ ନୀଳମାଧବ ଗୁରୁତର ହୋଇଥିଲେ। ନୀଳମାଧଙ୍କୁ ତଲାସିଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ପୂର୍ଣ୍ଣଚନ୍ଦ୍ର ଦିଗପହଣ୍ଡି ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

## ସଂକ୍ଷେପରେ

### ସାରଥି ସଭାପତି, ପୂର୍ଣ୍ଣଚନ୍ଦ୍ର ସମ୍ପାଦକ

#### ପ୍ରାଥମିକ ଶିକ୍ଷକ ସଂଘ ବୈଠକ

**ପୁରୁଷୋତ୍ତମପୁର,୭।୨(ଡି.ଏନ.ଏ.):** ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ବୈଠକ ତାରାତାରିଣି ଠାରେ ସଭାପତି ଶଶାଙ୍କ ପ୍ରଧାନଙ୍କ ପୌରହତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ମହାସଚିବ ଅମିୟ ଦାଶ, ରାଜ୍ୟ ଉପସଭାପତି ସଙ୍ଗିତା ଦାଶ, ପୂର୍ବତନ ଜିଲା ସଭାପତି ଜଟେଶ୍ୱର ମହାପାତ୍ର, ସମ୍ପାଦକ ହରିକୃଷ୍ଣ ପାତ୍ର, ଉପ ସଭାପତି ସୁବାସ ଚନ୍ଦ୍ର ବେହେରା ଓ ଲଳିତା ବଡମୁଣ୍ଡି ଯୋଗଦେଇ ଶିକ୍ଷକମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ସଭାପତି ଭାବେ ସାରଥି ପାତ୍ର ବିଜୟୀ ହୋଇଛନ୍ତି। ସେହିପରି ସମ୍ପାଦକ ଭାବେ ପୂର୍ଣ୍ଣଚନ୍ଦ୍ର ମହାରଣା ବିଜୟୀ ହୋଇଛନ୍ତି। ଉପ ସଭାପତି ଭାବେ ପୁରୁଷୋତ୍ତମପୁର ବ୍ଲକର ଡି.ଧର୍ମା ରେଡ୍ଡୀ, ସାନଖେମୁଣ୍ଡି ବ୍ଲକର ଡି ଗୌରି, ସଙ୍ଗଠନ ସମ୍ପାଦକ ତ୍ରିନାଥ ନାୟକ, ଯୁଗ୍ମ ସମ୍ପାଦକ ଭାବେ ସମୀର କୁମାର ଜେନା, ସୁବାସ ଚନ୍ଦ୍ର ଜେନା, ସୀମାଞ୍ଚଳ ସାହୁ, ବାବୁଲା ଡାକୁଆ, କୋଷାଧକ୍ଷ ଅବନି କୁମାର ପଟ୍ଟନାୟକ ଓ ଜିଲା ସଂଯୋଜକ ଭାବେ ଦେବବ୍ରତ ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି।

### ଘରୋଇ ବସ୍ ମାଲିକ ସଂଘ ବୈଠକ

**କୁକୁଡାଖଣ୍ଡି,୭।୨:** ଗଞ୍ଜାମ ଜିଲା ଘରୋଇ ବସ ମାଲିକ ସଂଘର ସାଧାରଣ ବୈଠକ କୁକୁଡାଖଣ୍ଡି ବୁଢ଼ିଘରାଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ସନ୍ତୋଷ କୁମାର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ସଂଘର ସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ଲିଗାଲ ଆଡଭାଇଜର ସୁରେନ୍ଦ୍ର ପଣ୍ଡା, ବସନ୍ତ ବିଶୋୟୀ ଯୋଗଦେଇଥିଲେ। ବୈଠକରେ ଯାତ୍ରୀମାନେ ଯେପରି ସୁବିଧାରେ ବସରେ ଯାତ୍ରା କରିବେ, ବସ କମଚାରୀ ମାନଙ୍କୁ ଡ୍ରେସ କୋଡ ସହ ପରିଚୟ ପତ୍ର ପ୍ରଦାନ କରିବାକୁ ଆଲୋଚନା ହୋଇଥିଲା। ଗଞ୍ଜାମର ସମସ୍ତ ଅଞ୍ଚଳରୁ ବସ ମାଲିକମାନେ ଯୋଗଦେଇଥିଲେ। ଅରକ୍ଷିତ ଜେନାଙ୍କ ସହ ସଂଘ କମକର୍ତ୍ତା ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### କୁମାରିପାରି ବିଜୟୀ

#### ଲକ୍ଷ୍ମୀ ନୃସିଂହ କ୍ରିକେଟ ଟୁର୍ନାମେଣ୍ଟ

**ବେଗୁନିଆପଡା,୭।୨(ଡି.ଏନ.ଏ.)-** ବେଗୁନିଆପଡ଼ା ବ୍ଲକ ତାଳସର ହାଇସ୍କୁଲ ପଡ଼ିଆଠାରେ ରବିବାର ଲକ୍ଷ୍ମୀ ନୃସିଂହ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ କଂଗ୍ରେସ ନେତା ଭବାନୀ ପ୍ରସାଦ ଜେନା ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସମାଜିକ କର୍ମୀ ଅକ୍ଷୟ କୁମାର ନାୟକ, ପ୍ରମୋଦ କୁମାର ଭୂୟାଁ, କୃଷ୍ଣ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ କୁମାରିପାରି ଦଳ ଓଡନଇ ଦଳକୁ ଭେଟିଥିଲା। କୁମାରିପାରି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୩ ଉଇକେଟ ହରାଇ ୨୩୫ ରନ କରିଥିଲା। ଜବାବରେ ଓଡନଇ ୧୫ ଓଭରରେ ୮ ଉଇକେଟ ହରାଇ ୧୨୦ ରନ ସଂଗ୍ରହ କରିବାରୁ କୁମାରିପାରି ବିଜୟୀ ହୋଇଥିଲା। ବିଜୟୀ ଦଳର ସନତ କୁମାର ତାରିଣୀ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ମ୍ୟାଚକୁ ଗୌରଭ କିଶୋର ରାୟ ଓ ହର ପ୍ରସାଦ ଜେନା ପରିଚାଳନା କରିଥିବା ବେଳେ କୃଷ୍ଣ ଭୂୟାଁ ଧାରା ବିବରଣୀ ପ୍ରଦାନ କରିଥିଲେ।

# ତୃଣମୂଳସ୍ତରରୁ ଅନୁଧ୍ୟାନ କଲେ ସମସ୍ୟା ଜାଣିହେବ: ଅପରାଜିତା



ସାଧାରଣ ସଭାରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଉଦ୍‌ବୋଧନ ଦେଉଛନ୍ତି।

**ଆସିକା/ବୁଗୁଡ଼ା/ କବିସୂର୍ଯ୍ୟନଗର, ୭।୨(ଡି.ଏନ୍.ଏ.)**

ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ଜିଲା ତଥା ରାଜ୍ୟରେ ଜନସାଧାରଣ ବିଭିନ୍ନ ସମସ୍ୟାରେ ଜର୍ଜରିତ । ଜନସାଧାରଣଙ୍କ ପାଖକୁ ଯାଇ ଗାଁ ଦାଣ୍ଡରେ ଅଭିଯୋଗ ପ୍ରକୋଷ୍ଠ ସ୍ଥାପନପୂର୍ବକ ଅଭିଯୋଗ ଗ୍ରହଣ କଲେ ବାସ୍ତବ ସମସ୍ୟା ଜାଣିହେବ ବୋଲି ରବିବାର ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ତଥା ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମତବ୍ୟକ୍ତ କରିଛନ୍ତି । ଆସିକା, କବିସୂର୍ଯ୍ୟନଗର ଓ ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ଲୋକଙ୍କ ସହ ମିଶି ବାସ୍ତବ ସମସ୍ୟା ଅନୁଧ୍ୟାନ କରିବା ପରେ ଆସିକାରେ ଅନୁଷ୍ଠିତ ଗଞ୍ଜାମ ଜିଲା ନବନିର୍ମାଣ ମଞ୍ଚର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏହା କହିଛନ୍ତି। ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ସକାରାତ୍ମକ ପରିବେଶ ସୃଷ୍ଟି କରିବା ସରକାରଙ୍କ କର୍ତ୍ତବ୍ୟ ବୋଲି ମଧ୍ୟ କହିଛନ୍ତି।

ଦେଶରେ ମୌଳିକ ସୁବିଧା ସୁଯୋଗ ପ୍ରଦାନ ଦିଗରେ ୧୮ ବଡ଼ ରାଜ୍ୟକୁ ନେଇ ହୋଇଥିବା ଅର୍ଥନୈତିକ ସର୍ଭେରେ ଓଡ଼ିଶା ୧୪ତମ ସ୍ଥାନରେ ରହିଥିବା ଷଡ଼ଙ୍ଗୀ କହିଥିଲେ । ରାଜ୍ୟରେ ଥଇଥାନ ଲାଗି ଆବଶ୍ୟକ ଔଦ୍ୟୋଗିକୀକରଣ ହୋଇପାରିଲେ ଓଡ଼ିଆମାନେ ଅନ୍ୟ ରାଜ୍ୟକୁ ନ ଯାଇ ନିଜ ଭିଟାମାଟିରେ ବଞ୍ଚିବା ସୁଯୋଗ ପାଇପାରନ୍ତେ ବୋଲି କହିଥିଲେ । ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ମଧ୍ୟରେ ଗଞ୍ଜାମ ଜିଲାର ୯ଲକ୍ଷ ଜମାକାରୀ ଅଛନ୍ତି । ସେଥିମଧ୍ୟରୁ ୪ ଲକ୍ଷ କେବଳ ହିଞ୍ଜିଳି ନିର୍ବାଚନମଣ୍ଡଳୀର । ଆସନ୍ତା ୩ ଦିନ ମଧ୍ୟରେ ସେ ଲୋକ ସଭାରେ ଏହି ପ୍ରଶ୍ନ ଉପସ୍ଥାପନ କରିବା ସହ ଅଭିଯୁକ୍ତଙ୍କୁ ଧରାଇବା ଓ ଜମାକାରୀଙ୍କ ଟଙ୍କା ଫେରସ୍ତ ଦିଗରେ ଧ୍ୟାନ ଦେବେ ବୋଲି ଷଡ଼ଙ୍ଗୀ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଆସିକା ଚିନିକଳ ଉପରେ ନିର୍ଭର କରୁଥିବା ଆଖୁଚାଷୀଙ୍କ ସମସ୍ୟା ସମାଧାନ ପାଇଁ ପ୍ରଶାସନିକ ସ୍ତରରେ ଉଦ୍ୟମ କରିବେ ବୋଲି କହିଛନ୍ତି। ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ବ୍ରହ୍ମପୁରରେ ବିମାନବନ୍ଦର କରିବା ଦିଗରେ ଅସୁବିଧା କେଉଁଠି ବୋଲି ସେ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିବା ସହ ଏହାର ସମାଧାନ ଲାଗି ଉଦ୍ୟମ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଆସିକାର ବନ୍ୟା ସମସ୍ୟା, ଆସିକା ଏନ୍‌ଏସିକୁ ମ୍ୟୁନିସିପାଲିଟି କରିବା, ସହରର ସେଟେଲମେଣ୍ଟ ବ୍ୟବସ୍ଥା, ଅଟୋ ଚାଳକଙ୍କ ଲାଗି ସ୍ୱତନ୍ତ୍ର ଅଟୋ ଷ୍ଟାଣ୍ଡ, ସ୍ଥାନୀୟ ବ୍ୟବସାୟୀଙ୍କ ନିମନ୍ତେ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ ନିମନ୍ତେ ଧ୍ୟାନ ଦେବେ ବୋଲି ଷଡ଼ଙ୍ଗୀ ପ୍ରକାଶ କରିଥିଲେ । ମଞ୍ଚର ସଭାପତି ଉମାଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅମ୍ବିକା ପ୍ରସାଦ ପଣ୍ଡା, ଶ୍ୱେତ ପ୍ରକାଶ ଦୋରା, ଶ୍ରୀନିବାସ ଭଞ୍ଜ, ବ୍ରିଗେଡିୟର ଅଭିମନ୍ୟୁ ରାଉତ, ସରୋଜ କୁମାର ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ । ଭାଜପାର କୌଣସି ଦଳୀୟ କାର୍ଯ୍ୟକର୍ତ୍ତା ସେଠାରେ ଉପସ୍ଥିତ ନ ଥିଲେ। ଶନିବାର ରାତିରେ ଷଡଙ୍ଗୀଙ୍କୁ ବୁଗୁଡ଼ା ବ୍ଲକ ଆଦିପୁର କରାପଡ଼ିଆ ଛକ ନିକଟରେ ଦଳୀୟ ସମର୍ଥକ ସ୍ୱାଗତ ସହ ସମ୍ବର୍ଦ୍ଧିତ କରିଥିଲେ। ରବିବାର ସକାଳେ ସେ ଆସିକା ବସଷ୍ଟାଣ୍ଡସ୍ଥିତ ଚା' ଖଟିରେ ଲୋକଙ୍କ ସମସ୍ୟା ବୁଝିବା ସହ ମା' ଖମ୍ଭେଶ୍ୱରୀଙ୍କ ମନ୍ଦିର ଦର୍ଶନ କରିଥିଲେ । ସେଠାରୁ ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ସୁନାମୋହି ଗ୍ରାମକୁ ପହଞ୍ଚି ଜନସାଧାରଣଙ୍କ ସମସ୍ୟା ବୁଝିଥିଲେ। କବିସୂର୍ଯ୍ୟନଗର ଗସ୍ତ କରି ମଧ୍ୟାହ୍ନରେ ସେଠାରୁ ଫେରିବା ପରେ ଆସିକା ଟାଉନହଲଠାରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ । ସନ୍ଧ୍ୟାରେ ସାବିତ୍ରୀ କଲ୍ୟାଣ ମଣ୍ଡପଠାରେ ବରିଷ୍ଠ ନାଗରିକ, ଯୁବଗୋଷ୍ଠୀ ଓ ମହିଳାମାନଙ୍କ ସହ ପୃଥକ ପୃଥକ ଆଲୋଚନା ପରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କାର୍ଯ୍ୟାଳୟକୁ ଯାଇଥିଲେ।

## ରାମଚଣ୍ଡୀ ମନ୍ଦିର ଉନ୍ନତୀକରଣ କାର୍ଯ୍ୟ ଦେଖିଲେ ଜିଲାପାଳ



ଜିଲାପାଳ ଅନୁଧ୍ୟାନ କରୁଛନ୍ତି ।

**ଛତ୍ରପୁର,୭।୨(ଡି.ଏନ୍.ଏ.)**

ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ରବିବାର ଛତ୍ରପୁର ଉପକଣ୍ଠ ମା' ରାମଚଣ୍ଡୀ ମନ୍ଦିରର ବିଭିନ୍ନ ଉନ୍ନତୀକରଣ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ମନ୍ଦିର କମିଟିର ନିଜସ୍ୱ ଉଦ୍ୟମରେ ମା'ଙ୍କ ନୂତନ ମନ୍ଦିର ସୁନ୍ଦର ଭାବେ ନିର୍ମାଣ କରାଯାଇଥିବା ଦେଖି ଖୁସି ହୋଇଥିଲେ। ମନ୍ଦିରର ଆୟ ବଢ଼ିଲେ ବିଭିନ୍ନ ଉନ୍ନତୀକରଣ କାର୍ଯ୍ୟ, ସଫେଇ ଓ ଅନ୍ୟାନ୍ୟ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ଜିଲାପାଳ କହିଥିଲେ। ମନ୍ଦିର, ରୋଷଘର, ନୂତନ ନିର୍ମିତ ଗୋଷ୍ଠୀ ପାଇଖାନା, ପାଣି ଓ ଆଲୋକ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ତଳୁ ପାହାଡ଼ ଉପରରେ ଥିବା ମନ୍ଦିରକୁ ପାଣି ଯୋଗାଣ ହେଉଛି । ଏଠାରେ ମନ୍ଦିର କମିଟି ଓ ସରକାରୀ ଉଦ୍ୟମରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଚାଲିଥିବା କମିଟି ସଭ୍ୟ ମୋହନ ବେହେରା ଅବଗତ କରାଇଥିଲେ। ପାହାଡ ତଳୁ ଉପରେ ଥିବା ମନ୍ଦିର ପର୍ଯ୍ୟନ୍ତ ଚାଲିଥିବା ନୂତନ ରାସ୍ତା ନିର୍ମାଣ ରାସ୍ତା ଓ କୋଠାବାଡି ବିଭାଗ ପକ୍ଷରୁ ଟେଣ୍ଡର କରି ଠିକାଦାର ଜରିଆରେ ଚାଲିଛି । ଜିଲାପାଳ ଏହାର ଅନୁଧ୍ୟାନ କରିଛନ୍ତି ।

## ସ୍ୱାମୀ ସମେତ ୩ କୋର୍ଟ ଚାଲାଣ

### ମହିଳାଙ୍କୁ ହତ୍ୟା ଘଟଣା

**ବ୍ରହ୍ମପୁର ଅଫିସ, ୭।୨**

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଆଙ୍କୁଲି ଗଙ୍ଗାନଗରରେ ଜଣେ ମହିଳା ପୁଷ୍ପାଞ୍ଜଳି ଚର୍ଚ୍ଚିଙ୍କୁ ଯୌତୁକ ପାଇଁ ଶନିବାର ହତ୍ୟା କରାଯାଇଥିଲା। ମାମଲା ନଂ.୩୪/୨୧ରେ ମୃତକଙ୍କ ସ୍ୱାମୀ ଜିତୁ ଚର୍ଚ୍ଚି (୨୫), ଶାଶୁ ନମିତା (୪୭) ଓ ଦିଅର ଜୁବୁନି ଚର୍ଚ୍ଚି (୨୨)ଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବ୍ୟବଚ୍ଛେଦ ପରେ ତାଙ୍କ ମା' ମାଳା ନାୟକଙ୍କୁ ପୋଲିସ ମୃତଦେହ ହସ୍ତାନ୍ତର କରିଥିଲା। ଜିତୁ ବର୍ଷେ ତଳେ କବିସୂର୍ଯ୍ୟନଗର ଥାନା ବାଲିଆସରାରେ ରହୁଥିବା ତାଙ୍କ ମାମୁଙ୍କ ଝିଅ ପୁଷ୍ପାଞ୍ଜଳିଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛି ମାସ ପରେ ଅଧିକ ଯୌତୁକ ଦାବିକରି ଶ୍ୱଶୁର ଘର ଲୋକେ ନିର୍ଯାତନା ଦେଉଥିଲେ। ଶନିବାର ମଧ୍ୟାହ୍ନରେ ପୁଷ୍ପାଞ୍ଜଳିଙ୍କୁ ଗୁରୁତର ଅବସ୍ଥାରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ଜାତୀୟ ରାଜପଥରେ ଦନ୍ତା

**ଭଞ୍ଜନଗର,୭।୨(ଡି.ଏନ୍.ଏ.)**

ଭଞ୍ଜନଗର ଦୁର୍ଗାପ୍ରସାଦର ନିଧିଆପଲ୍ଲୀ ନିକଟସ୍ଥ ଜାତୀୟ ରାଜପଥ ଉପରେ ଏକ ଦନ୍ତା ହାତୀ ରବିବାର ସନ୍ଧ୍ୟାରେ ରାସ୍ତା ପାର ହୋଇଛି। ଫଳରେ କିଛି ସମୟ ପାଇଁ ଏହି ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଥିଲା। ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଏସିଏଫ୍ ସୁଦର୍ଶନ ବାଦୀ, ମୁଜାଗଡ଼ ରେଞ୍ଜର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ହାତୀଟିକୁ ଜଙ୍ଗଲ ମଧ୍ୟକୁ ଘଉଡ଼ାଇ ଦେଇଥିଲେ। ଏହାପରେ ଗମନାଗମନ ସ୍ୱାଭାବିକ ହୋଇଥିଲା। ୱରବିବାର ସନ୍ଧ୍ୟା ସୁଦ୍ଧା ଉତ୍ତର ଘୁମୁସର ବନଖଣ୍ଡର ଜଗନ୍ନାଥପ୍ରସାଦ ରେଞ୍ଜରେ ୮ ହାତୀ ଥିବାବେଳେ ମୁଜାଗଡ଼ ରେଞ୍ଜରେ ୧ ଓ ତାରସିଂ ରେଞ୍ଜରେ ୧୩ ହାତୀ ଥିବା ଜଣାପଡ଼ିଛି। ସେହିଭଳି ଦକ୍ଷିଣ ଘୁମୁସର ବନଖଣ୍ଡର ସୋରଡ଼ା ରେଞ୍ଜରେ ୧୩, ବୁଗୁଡ଼ା ରେଞ୍ଜରେ ୩, ଆସିକା ରେଞ୍ଜରେ ୧୫ଟି ହାତୀ ଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ନିଧିଆପଲ୍ଲୀଠାରେ ଦନ୍ତା ହାତୀ ରାସ୍ତା ପାର ହେଉଛି।

### ଦିଗପହଣ୍ଡି ସହରରେ ହାତୀ ଆତଙ୍କ

**ଦିଗପହଣ୍ଡି,(ଡି.ଏନ.ଏ.)–** ଦିଗପହଣ୍ଡି ଉପକଣ୍ଠ ଚାଙ୍ଗୁଡିଦେଇ ପାହାଡ଼ରେ ଥିବା ଏକ ଦନ୍ତାହାତୀ ରବିବାର ସନ୍ଧ୍ୟାରେ ସହରାଭିମୁଖୀ ହୋଇଥିବାରୁ ସାଧାରଣରେ ଆତଙ୍କ ଦେଖାଦେଇଛି। ହାତୀଟି ଦିଗପହଣ୍ଡି ଏନ୍‌ଏସି ନିମପଲ୍ଲୀ ଗ୍ରାମ ନିକଟ ଦେଇ ସ୍ଥାନୀୟ ଗୁପ୍ତେଶ୍ୱର ମନ୍ଦିର ପଟକୁ ଆସୁଥିବା ସୂଚନା ପାଇ ବନ କର୍ମଚାରୀ ସଜାଗ ହୋଇଯାଇଥିଲେ। ଦନ୍ତାହାତୀଟି ଗୁପ୍ତେଶ୍ୱର ମନ୍ଦିର ଓ ପଦ୍ମନାଭପୁର ରାସ୍ତାର ସାପୁଆ ଶଙ୍ଖ ନିକଟ ରାସ୍ତା ପାର ହୋଇ କେରାଣ୍ଡିମାଳ ଜଙ୍ଗଲ ଅଭିମୁଖେ ଯାଉଛି। ଦିଗପହଣ୍ଡି ବନ ବିଭାଗ ଡେପୁଟି ରେଞ୍ଜର କାହ୍ନୁ ଚରଣ ପଟ୍ଟନାୟକଙ୍କ କହିବା ପ୍ରକାରେ, ହାତୀଟି ରତନେଇ ଜଙ୍ଗଲରେ ରହୁଥିବା ୬ ଟିକିଆ ପଲରୁ ବାହାରି ଆସିଛି। ପୁଣି ରତନେଇ ସଂରକ୍ଷିତ ଜଙ୍ଗଲକୁ ଫେରିବା ସମ୍ଭାବନା ରହିଥିବାରୁ କର୍ମଚାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ପୂର୍ବ ଶତ୍ରୁତାକୁ ନେଇ ମାର୍‌ପିଟ, ୫ ଆହତ

**ଗୋପାଳପୁର, ୭।୨**

ଗୋଳନ୍ଥରା ଥାନା କନିଷି ହାଟ ତହସିଲ କାର୍ଯ୍ୟାଳୟ ନିକଟରେ ରବିବାର ପୂର୍ବ ଶତ୍ରୁତାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ ହୋଇଥିଲା। ଏଥିରେ ଉଭୟ ପକ୍ଷର ୫ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଗୁରୁତର ଅଛନ୍ତି। ଏ ନେଇ ଥାନାରେ ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ୩୫,୩୬/୨୧ରେ ଦୁଇଟି ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ବାଘଲଟି ଗ୍ରାମର ସନ୍ତୁର୍ଜ୍ୟ ଗୌଡ଼ଙ୍କ ସହ ୬ ଜଣ ବ୍ୟକ୍ତି କନିଷି ହାଟ ଭୈରବୀ ବିଜ୍ଞାନ କଲେଜ ନିକଟରେ ହେଉଥିବା ଏକ ବିବାହ ଭୋଜି ଖାଇ ଗ୍ରାମକୁ ଫେରୁଥିବା ବେଳେ ସେହି ଗାଁର ଅନ୍ୟଜଣେ ଏକ ବାଇକ୍‌ରେ ଆସି ସନ୍ତୁର୍ଜ୍ୟଙ୍କୁ ଧକ୍କା ଦେଇ କନିସି ତହସିଲ କାର୍ଯ୍ୟାଳୟ ରାସ୍ତା ନିକଟରେ ଥିବା ହୋଟେଲରେ ପଶିଯାଇଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଆକ୍ରମଣ ପ୍ରତି ଆକ୍ରମଣ ହୋଇଥିଲା। ଫଳରେ ୮ ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଗୁରୁତରଙ୍କ ପରିଚୟ ମିଳିପାରି ନାହିଁ।

## ବନ୍ଦ କୋଠରୀରେ ପୂର୍ବତନ ଛାତ୍ରନେତାଙ୍କ ମୃତ୍ୟୁ ସନ୍ଦେହ

**ବ୍ରହ୍ମପୁର ଅଫିସ,୭।୨**

ବ୍ରହ୍ମପୁର ପୋଲିସ ଜିଲା ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଜନନା ହସ୍‌ପିଟାଲ୍ ରୋଡ ସମ୍ମୁଖ ଗଳିରେ ଥିବା ଏକ ଲଜ୍‌ର ବନ୍ଦ କୋଠରୀରେ ଭେଟେରାନ ବାସ୍କେଟବଲ୍ ଖେଳାଳୀ ତଥା ପୂର୍ବତନ ଛାତ୍ରନେତା ନୀଳକଣ୍ଠ ମହାପାତ୍ର(୫୦)ଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଇଛି। ୨୪ ଘଣ୍ଟାରୁ ଉର୍ଦ୍ଧ୍ୱ ହେବ ସେ ସେହି କୋଠରୀରେ ଥିଲେ ମଧ୍ୟ ଡାକିଲେ ଶୁଣୁ ନାହାନ୍ତି। ଝରକା ଫାଙ୍କରେ ସେ ଖଟ ଉପରେ ପଡି ରହିଥିବା ଦେଖିବାକୁ ମିଳିଛି। ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି ବୋଲି ଥାନା ଅଧିକାରୀ ସାରଦା ପ୍ରସନ୍ନ ଦାସ ସୂଚନା ଦେଇଛନ୍ତି। ପରିବାର ଲୋକଙ୍କୁ ଖବର ଦିଆଯାଇଥିବାବେଳେ ରାତି ପ୍ରାୟ ୧୦ଟା ସୁଦ୍ଧା କେହି ପହଞ୍ଚି ନଥିବାରୁ ଦ୍ୱାର ଫିଟାଯାଇନାହିଁ। ଅବିବାହିତ ନୀଳକଣ୍ଠ ବହୁଦିନ ହେଲା ସମ୍ପୃକ୍ତ ଲଜ୍‌ରେ ରହୁଥିଲେ। ଅସୁସ୍ଥ ଥିବାରୁ ଜଣେ ସମ୍ପର୍କୀୟଙ୍କ ସହ ନିୟମିତ ହସ୍‌ପିଟାଲ ଯାଇ ଚିକିତ୍ସିତ ହେଉଥିଲେ। ଶନିବାର ସନ୍ଧ୍ୟାରେ ହସ୍‌ପିଟାଲରୁ ଲଜ୍‌କୁ ଫେରି ନିଜ ରୁମ୍ ଭିତରୁ କବାଟ ଦେଇ ରହିଥିଲେ। ରବିବାର ଅପରାହ୍ନ ଯାଏ ବାହାରକୁ ନବାହାରିବାରୁ କର୍ମଚାରୀ ଡାକିଥିଲେ। ମାତ୍ର ସେ ଜବାବ ନଦେବାରୁ ଲଜ୍ ମାଲିକ ବୈଦ୍ୟନାଥପୁର ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଝରକା ଫାଙ୍କରେ ନୀଳକଣ୍ଠ ବେଡ୍‌ରେ ପଡି ରହିଥିବା ଦେଖିବାକୁ ପାଇଥିଲେ। ବାରମ୍ବାର ଡାକିବା ପରେ ମଧ୍ୟ ସେ ଜବାବ ଦେଇ ନଥିଲେ। ନୀଳକଣ୍ଠଙ୍କ ସମ୍ପର୍କୀଙ୍କୁ ଖବର ଦିଆଯାଇଛି, ରାତି ସୁଦ୍ଧା ନ ପହଞ୍ଚିଲେ ସୋମବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କବାଟ ଭଙ୍ଗାଯିବ ବୋଲି ଥାନା ଅଧିକାରୀ ଦାସ ସୂଚନା ଦେଇଛନ୍ତି।

## ପୋର୍ଟ ସୁପରଭାଇଜର ଆଣ୍ଡ ୱାର୍କର୍ସ ୟୁନିୟନ ବୈଠକ

**ଛତ୍ରପୁର,୭।୨(ଡି.ଏନ୍.ଏ.)**

ଗୋପାଳପୁର ପୋର୍ଟ ସୁପରଭାଇଜର ଆଣ୍ଡ୍ ୱାର୍କର୍ସ ୟୁନିୟନର ଏକ ବୈଠକ ରବିବାର ଛତ୍ରପୁର ଉଜ୍ଜଳେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଚ୍. ଶଙ୍କର ରାଓ ଅଧ୍ୟକ୍ଷତା କରିଥିଲେ। ଏହି ୟୁନିୟନ ଅଧୀନରେ ଥିବା ସୁପରଭାଇଜର, କାଣ୍ଟା, ଟ୍ରକ୍ ବୋଝେଇ ଶ୍ରମିକ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୦ ତାରିଖରେ ୟୁନିୟନର ସାଧାରଣ ପରିଷଦ ବୈଠକ ବସିବ ଏବଂ ଏଥିରେ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର ହେବ ବୋଲି ସୂଚନା ଦିଆଯାଇଛି। ଏହି ୟୁନିୟନ ଅଧୀନରେ ଥିବା ସୁପରଭାଇଜର ଓ ଅନ୍ୟମାନଙ୍କୁ ଗୋପାଳପୁର ପୋର୍ଟରେ କାମ ଦେବାକୁ ଦାବି କରାଯାଇଛି। ନଚେତ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ସୁପରଭାଇଜର ଏଣ୍ଡ ୱାର୍କର୍ସ ୟୁନିୟନର ସଭାପତି ଟିଙ୍କାରା ବେହେରା, ପ୍ରାକ୍ତନ ସମ୍ପାଦକ ଏନ୍. ଦୁର୍ଯ୍ୟୋଧନ ରେଡ୍ଡୀ, ଉପସଭାପତି ଏନ୍. କୃଷ୍ଣମର୍ତ୍ତି ରେଡ୍ଡୀ, କୃଷ୍ଣଚନ୍ଦ୍ର ନାହାକ, ଶିବରାମ ସାହୁ, ସହଦେବ ସାହୁ, ଦଣ୍ଡପାଣି ସାହୁ, ଗୋବିନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଆଲୋଚନା ଚାଲିଛି ।

## ଗୋସାଇଁନୂଆଗାଁ ସରସ୍ୱତୀ ଶିଶୁ ମନ୍ଦିରରେ ସମ୍ବର୍ଦ୍ଧନା ଉତ୍ସବ

**ବ୍ରହ୍ମପୁର ଅଫିସ,୭।୨:** ଗୋସାଇଁନୂଆଗାଁ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ପ୍ରଧାନାଚାର୍ଯ୍ୟ ନାରାୟଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ତୃତୀୟ ଶ୍ରେଣୀର ଆଦ୍ୟାଶା ଦଳେଇ, ଆୟୁଷ ବେହେରା, ସୁଶ୍ରୀ ସୁଜ୍ଞାନୀ ଚୌଧୁରୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ସେହିପରି ପଞ୍ଚମ ଶ୍ରେଣୀର ରୋନକ ସାବତ, ପ୍ରତିଭା ସାହୁ, ଆଲିସା ପାଣିଗ୍ରାହୀ, ଶାଳିନୀ ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଗୁରୁକୁଳ ଇଣ୍ଟରନ୍ୟାଶନାଲ ସ୍କୁଲର ଟ୍ରାଫିକ୍ ସଚେତନତା

**ବ୍ରହ୍ମପୁର ଅଫିସ, ୭।୨**

ଗୁରୁକୁଳ ଇଣ୍ଟରନ୍ୟାଶନାଲ ପବ୍ଲିକ୍ ସ୍କୁଲ ପକ୍ଷରୁ ରବିବାର ଟ୍ରାଫିକ ସଚେତନତା ଦିବସ ପାଳିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି କମାପଲୀ ଛକରେ ସହରବାସୀଙ୍କୁ ଟ୍ରାଫିକ୍ ନିୟମ ବିଷୟରେ ସଚେତନ କରାଇଥିଲେ। ଏଥିରେ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷା ମଧୁସ୍ମିତା ପରିଡ଼ା, ପିଆରଓ ପୂଜା ବର୍ମା, ପଦ୍ମିନୀ ପଟ୍ଟନାୟକ, କ୍ଷିତି ରଞ୍ଜନ ଭୂୟାଁ ଓ ସତ୍ୟବ୍ରତ ପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷାନୁଷ୍ଠାନର ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

## ଗଞ୍ଜାମ ଚାମ୍ବର ଅଫ୍ କମର୍ସର ସଂକଳ୍ପ ଦିବସ ପାଳନ

**ବ୍ରହ୍ମପୁର ଅଫିସ,୭।୨**

ଗଞ୍ଜାମ ଚାମ୍ବର ଅଫ୍ କମର୍ସ ପକ୍ଷରୁ ରବିବାର ପୁରୁଣା ବସ୍ ଷ୍ଟାଣ୍ଡରେ ସଂକଳ୍ପ ଦିବସ ପାଳିତ ହୋଇଯାଇଛି। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ବର ମୁଖପତ୍ର ଉନ୍ମୋଚନ କରିଥିଲେ। ଏଥିସହ ଦଳପତି ଭାବେ ବ୍ୟବସାୟ ବୃଦ୍ଧି, ଏମ୍‌ଏସ୍‌ଏମ୍‌ଇର ସମ୍ପ୍ରସାରଣ, ବ୍ୟବସାୟ ସଂଘ ଦ୍ୱାରା କେତେକ ବିଦ୍ୟାଳୟ ଓ ହସ୍ପିଟାଲର ଦାୟିତ୍ୱ ହାତକୁ ନେଇ ତାହାକୁ ସୁଚାରୁ ରୂପେ ପରିଚାଳନା ଓ ଉନ୍ନତୀକରଣ ପ୍ରତି ଦୃଷ୍ଟି ଦେବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ବ୍ରହ୍ମପୁର ସହରକୁ ମୁମ୍ବାଇ ନଗର ସହ ତୁଳନା କରି ଏଠାରେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ରହିଛି। ଏଣୁ ଏଠାରେ ବିମାନବନ୍ଦର ସ୍ଥାପନ ସମ୍ଭବପର ଓ ଆବଶ୍ୟକ ବୋଲି ଜିଲାପାଳ କହିଥିଲେ। ଏହି ଅବସରରେ ଚାମ୍ବର ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସରକାରଙ୍କ ପକ୍ଷରୁ ବ୍ୟବସାୟ ଶିଳ୍ପ ନିମନ୍ତେ ଜମି ପ୍ରଦାନ, ବିମାନ ବନ୍ଦର ନିର୍ମାଣ, ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା, ରିଙ୍ଗ୍ ରୋଡ୍, ଆର୍‌ଟିଓ ଶାଖା, ଜାନିବିଲି ପ୍ରକଳ୍ପ କାର୍ଯ୍ୟ ସମାପନ ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଓଡ଼ିଶା ବ୍ୟବସାୟ ମହାସଂଘ ସଭାପତି ସି.ଏଚ୍.ରବୀନ୍ଦ୍ରନାଥ, ଉପସଭାପତି ଭି.ଭି.ରାମନରସିଂହ ରାଓଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଚାମ୍ବର ସଭାପତି ଇପାରୀ ଶିବ ପ୍ରସାଦ ରାଓ ସ୍ୱାଗତ ଭାଷଣ ଦେଇଥିଲେ।




ସଂକଳ୍ପ ଦିବସରେ ଉପସ୍ଥିତ ଅତିଥି।

## କୁକୁଡ଼ାଖଣ୍ଡି ନୂଆ ଏନ୍‌ଏସି ଘୋଷଣା ହେଉ

### ଛତ୍ରପୁର, ଆସିକା, ଭଞ୍ଜନଗରକୁ ମ୍ୟୁନିସିପାଲିଟି ଦାବି

**ବ୍ରହ୍ମପୁର ଅଫିସ,୭।୨**

ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ଏନ୍‌ଏସି ଗଠନ ପ୍ରସ୍ତାବରେ ରହିଯାଇଛି। ଦୀର୍ଘବର୍ଷର ଦାବି ସତ୍ତ୍ୱେ ଭଞ୍ଜନଗର, ଆସିକା ଓ ଜିଲାର ସଦର ମହକୁମା ଛତ୍ରପୁର ଏନ୍‌ଏସିକୁ ମ୍ୟୁନିସିପାଲିଟିରେ ପରିଣତ କରାଯାଇନାହିଁ। ଅନ୍ୟପକ୍ଷରେ ପ୍ରଶାସନିକ ବ୍ୟବସ୍ଥାର ବିକେନ୍ଦ୍ରୀକରଣ ନିମନ୍ତେ ରାଜ୍ୟର ଅନ୍ୟତମ ବୃହତମ ଜିଲା ଗଞ୍ଜାମକୁ ବିଭାଜିତ କରି ଘୁମୁସର ନୂଆ ଜିଲା ଗଠନ ଦିଗରେ ସରକାର ପଦକ୍ଷେପ ନେଇନାହାନ୍ତି। ଘୁମୁସର ଜିଲା ପାଇଁ ୪ ଦଶନ୍ଧି ଧରି ଦାବି ହୋଇଆସୁଛି।

ଜନସଂଖ୍ୟାକୁ ଦୃଷ୍ଟିରେ ରଖି ୩ ବର୍ଷ ତଳେ ସରକାର ରାଜ୍ୟରେ ଅଧିକ ୧୮ ସହରାଞ୍ଚଳ ଗଠନ କରିବାକୁ ଘୋଷଣା କରିଥିଲେ। ସେଥିରେ କୁକୁଡ଼ାଖଣ୍ଡି ଅନ୍ତର୍ଭୁକ୍ତ ଥିଲା, କିନ୍ତୁ ବର୍ତ୍ତମାନ ଏହା କାର୍ଯ୍ୟକାରୀ ହୋଇନାହିଁ।

ସୂଚନାଯୋଗ୍ୟ, କୁକୁଡ଼ାଖଣ୍ଡି ସମେତ ପାଖ ଗ୍ରାମ ରାମଚନ୍ଦ୍ରପୁର, ନୂଆରାମଚନ୍ଦ୍ରପୁର, ଏ.ରଘୁନାଥପୁରକୁ ନେଇ କୁକୁଡ଼ାଖଣ୍ଡି ପଞ୍ଚାୟତ ହୋଇଛି। ସେଠାରେ ବ୍ଲକ ଓ ତହସିଲ ଅଫିସ, ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ, ହାଇସ୍କୁଲ, କଲେଜ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବିଭିନ୍ନ ଇଞ୍ଜିନିୟରିଂ ବିଭାଗର ଦପ୍ତର ଆଦି ରହିଛି। ତେଣୁ ଏନ୍‌ଏସି କରାଯିବାର ସମସ୍ତ ଭିତ୍ତିଭୂମି ରହିଥିବା ବିଜେଡି ନେତା କୈଳାସ ରଣା କହିଛନ୍ତି। ପଞ୍ଚାୟତରେ ଏବେ ଜନସଂଖ୍ୟା ୧୦ ହଜାର ଟପିଛି ଏବଂ ନିକଟବର୍ତ୍ତୀ ଆଙ୍କୁଶପୁର ମେନ୍‌ରୋଡକୁ ମିଶାଇଲେ ଅଧିକ ବୃଦ୍ଧି ପାଇବାର କୁହାଯାଇଛି। ଆଗାମୀ ପୌର ନିର୍ବାଚନ ପୂର୍ବରୁ ସରକାର କୁକୁଡ଼ାଖଣ୍ଡି ଏନ୍‌ଏସି ଘୋଷଣା କରିବାକୁ ପୁନର୍ବାର ଦାବି କରାଯାଇଛି।

ଜିଲାରେ ବ୍ରହ୍ମପୁର ମହାନଗର ନିଗମ ସମେତ ୧୮ ସହରାଞ୍ଚଳ ଥିଲା। ଦୁଇବର୍ଷ ତଳେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀର ହିଞ୍ଜିଳିକାଟୁ ଏନ୍‌ଏସିକୁ ସରକାର ପୌରପାଳିକା ସଂସ୍ଥା (ମ୍ୟୁନିସିପାଲିଟି)ରେ ପରିଣତ କରିଛନ୍ତି। ତେବେ ଛତ୍ରପୁର, ଆସିକା ଓ ଭଞ୍ଜନଗର ଏନ୍‌ଏସିକୁ ମ୍ୟୁନିସିପାଲିଟି କରିବାରେ ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ଗଞ୍ଜାମର ଦିଗପହଣ୍ଡି, ଗୋପାଳପୁର, ଚିକିଟି, ସୋରଡ଼ା, ବେଲଗୁଣ୍ଠା, ବୁଗୁଡ଼ା, ପୋଲସରା, କବିସୂର୍ଯ୍ୟନଗର, ଖଲ୍ଲିକୋଟ ଓ ରମ୍ଭା ଆଦି ୧୬ ଏନ୍‌ଏସି ଅଛି। କୁକୁଡ଼ାଖଣ୍ଡି ସହରାଞ୍ଚଳ ବା ଏନ୍‌ଏସି ଘୋଷଣାକୁ ଗୁରୁତ୍ୱ ଦିଆଯାଇଛି।

## ଦେବବ୍ରତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ: କୈରାସୀ ବିଜୟୀ

**ରମ୍ଭା:** ରମ୍ଭା ବାଇପାସ ଜହମି ଛକ ପାର୍ଶ୍ୱରେ ମା' ଭବାନୀ କ୍ରିକେଟ ଟିମ ଆନୁକୂଲ୍ୟରେ ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ୍ ରବିବାର ସିପକୁଦା କ୍ରିକେଟ ଟିମ ବନାମ କୈରାସୀ କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସିପକୁଦା ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୧୦ ଉଇକେଟ ହରାଇ ୧୫୦ ରନ କରିଥିଲା। ଜବାବରେ ୧୫୧ ରନର ବିଜୟ ଲକ୍ଷ୍ୟ ରଖି ୯ ଉଇକେଟ ହରାଇ କୈରାସୀ କ୍ରିକେଟ ଟିମ ଶେଷ ବଲରେ ୬ ରନ କରି ବିଜୟୀ ହୋଇଥିଲା। କୈରାସୀ କ୍ରିକେଟ ଟିମର ରବି ମ୍ୟାନ ଅଫ ଦି ମ୍ୟାଚ ଯୋଗ୍ୟ ବିବେଚିତ ହୋଇଥିଲେ। କୃତୀ ଖେଳାଳି ମାନଙ୍କୁ ମୁଖ୍ୟ ଅତିଥି ମନୋଜ କୁମର ନାହାକ ଟ୍ରଫି ପ୍ରଦାନ କରିଥିଲେ।

## ସଂକ୍ଷେପରେ

### କୂଅରୁ ବୃଦ୍ଧଙ୍କୁ ଉଦ୍ଧାର କରିବାକୁ ଯାଇ ଅଗ୍ନିଶମ କର୍ମଚାରୀ ଅସୁସ୍ଥ

ବୁଗୁଡ଼ା,୭।୨(ଡି.ଏନ.ଏ.): ବୁଗୁଡ଼ା ସହରର ମହୁଲିଆ ତୋଟାସାହିରେ ଏକ କୂଅରେ ପଡ଼ିଯାଇଥିବା ବୃଦ୍ଧ ୟୁ.ଦକ୍ଷିଣ ମୂର୍ତ୍ତି ପାତ୍ର (୭୦)ଙ୍କୁ ଉଦ୍ଧାର କରିବାକୁ ଯାଇ ରବିବାର ଅଗ୍ନିଶମ କର୍ମଚାରୀ ଅସୁସ୍ଥ ହୋଇଛନ୍ତି। ସେ ହେଲେ ଭଗବାନ ପ୍ରଧାନ। କୂଅଟି ତିନି ଫୁଟ ଓସାର ହୋଇଥିବାରୁ କର୍ମଚାରୀ ଭିତରେ ପ୍ରବେଶ କରି ନିରାପଦ ଭାବେ ବୃଦ୍ଧଙ୍କୁ ଉଦ୍ଧାର କରିଥିଲେ ହେଁ ଅମ୍ଳଜାନ ଅଭାବରୁ ନିଜେ ଅସୁସ୍ଥ ହୋଇ ପଡିଥିଲେ। ଉଭୟଙ୍କୁ ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଉଭୟ ସୁସ୍ଥ ଥିବା ଜଣାପଡିଛି। ବୃଦ୍ଧଙ୍କ ଘର କାମ ଚାଲିଥିବାରୁ ଘର ବାରିପଟ କୂଅର ଢାଙ୍କୁଣୀ ଖୋଲା ରହିଥିଲା। ବୃଦ୍ଧ ଜଣକ ସକାଳେ ପାଇଖାନାରୁ ଫେରୁଥିବା ବେଳେ ଅସାବଧାନତାରୁ କୂଅରେ ଗଳି ପଡିଥିଲେ।

### ଯୁବତୀଙ୍କୁ ବଳାତ୍କାର ଘଟଣା ୨ ଅଭିଯୁକ୍ତ ଜେଲ ଗଲେ

ବାଲିଗୁଡା,୭।୨(ଡି.ଏନ୍.ଏ.): ବାଲିଗୁଡା ଉପଖଣ୍ଡ କୋଟଗଡ ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ସଲପ ରସ ପିଆଇ ବଳାତ୍କାର ଅଭିଯୋଗରେ ୨ଜଣ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଓସେଫ ବଡ଼ମାଝି ଓ ନୀଳାମ୍ବର ବଡ଼ମାଝି। ଓସେଫ୍‌ଙ୍କର ଫେବୃୟାରୀ ୧ରେ ବାହାଘର ଥିବାରୁ ଜାନୁୟାରୀ ୨୯ରେ ଗ୍ରାମର ୩ଜଣ ଯୁବତୀଙ୍କ ସହ ମିଶି ପେନାପେଟି ଜଙ୍ଗଲକୁ ଭୋଜି କରିବାକୁ ଯାଇଥିଲେ। ସେଠାରେ ସମସ୍ତେ ମିଶି ସଲପ ରସ ପିଇଥିଲେ। ୨ଜଣ ଯୁବତୀ କୌଣସି ପ୍ରକାରେ ଘରକୁ ପଳାଇ ଆସିଥିବାବେଳେ ଅନ୍ୟଜଣଙ୍କୁ ନିଶା ହୋଇଯିବାରୁ ସେ ଆସି ପାରି ନଥିଲେ। ଓସେଫ୍ ସମ୍ପର୍କୀୟ ଭାଇ ନୀଳାମ୍ବରଙ୍କୁ ଡାକି ଦୁହେଁ ବଳାତ୍କାର କରିଥିଲେ। ଏନେଇ ଗ୍ରାମ ବୈଠକରେ କୌଣସି ନିଷ୍ପତ୍ତି ହୋଇ ନପାରିବାରୁ ପୀଡିତା କୋଟଗଡ ଥାନାରେ ଏତଲା ଦେଇଥିଲେ। ନଂ.୫/୨୧ପ୍ରକାରେ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଅଲେଖ ଗରଡିଆ କହିଛନ୍ତି।

### ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ

ଦିଗପହଣ୍ଡି,୭।୨(ଡି.ଏନ୍.ଏ):ଦିଗପହଣ୍ଡି ଖେଳପଡିଆରେ ରବିବାର ଦିନିକିଆ ବନ୍ଧୁତ୍ୱପୂର୍ଣ୍ଣ କ୍ରୀକେଟ୍ ମ୍ୟାଚ୍ ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଓ ସାନଖେମୁଣ୍ଡି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହାକୁ ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ। ପ୍ରଥମେ ଦିଗପହଣ୍ଡି ଟିମ୍ ଟସ୍ ଜିଣି ନିର୍ଦ୍ଧାରିତ ୨୦ ଓଭର୍‌ରେ ୧୩୫ ରନ୍ କରିଥିଲେ। ଜବାବରେ ସାନଖେମୁଣ୍ଡି ଟିମ୍ ସମସ୍ତ ଉଇକେଟ୍ ହରାଇ ୮୨ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲେ। ଶ୍ରେଷ୍ଠ ବ୍ୟାଷ୍ଟସ୍‌ମ୍ୟାନ୍ ଭାବେ ପ୍ରଶାନ୍ତ କୁମାର ପାଣିଗ୍ରାହୀ ଓ ଶ୍ରେଷ୍ଠ ବୋଲର୍ ଭାବେ ସନ୍ତୋଷ କୁମାର ଦୋରାଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ରୀଡ଼ାଶିକ୍ଷକ ଏମ୍.ଗୌରାଙ୍ଗ, ନରସିଂହ ପ୍ରସାଦ ପାଠୀ, ରାମଚନ୍ଦ୍ର ମହାପାତ୍ର, କାଳୀଚରଣ ପାଣିଗ୍ରାହୀ ଓ ଏଲ୍.କୃଷ୍ଣମୂର୍ତ୍ତୀ ଦୋରା ଏହି ମ୍ୟାଚ୍‌କୁ ପରିଚଳନା କରିଥିଲେ।

### ପରୀକ୍ଷା ଦର୍ପଣ ବଣ୍ଟନ

ବେଗୁନିଆପଡା,୭।୨(ଡି.ଏନ.ଏ.): ବେଗୁନିଆପଡା ବ୍ଲକର ଏସ.ଛଟିନା ସ୍ଥିତ ରାଧାକୃଷ୍ଣ ହାଇସ୍କୁଲରେ ରବିବାର ଦଶମ ଶ୍ରେଣୀର ୭୧ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ଦର୍ପଣ ପୁସ୍ତିକା ବଣ୍ଟନ କରାଯାଇଛି। କରୋନାରେ ଦଶମ ଶ୍ରେଣୀ ପିଲାଙ୍କ ପାଠପଢ଼ା ବ୍ୟାହତ ହୋଇଛି। ତେଣୁ ଗଣଶିକ୍ଷା ବିଭାଗ ପକ୍ଷରୁ ଏହି ଟେଷ୍ଟପେପର ପ୍ରସ୍ତୁତ ହୋଇଛି।

### ଅଲ ଓଡିଶା ଲେୟର ଫାର୍ମର ଆସୋସିଏଶନର ସମ୍ମିଳନୀ

ପୁରୁଷୋତ୍ତମପୁର,୭।୨(ଡି.ଏନ.ଏ.): ଗଞ୍ଜାମ ଜିଲାର ମା' ତାରା ତାରିଣୀଙ୍କ ପୀଠରେ ରାଜ୍ୟ ଲେୟର ଫାର୍ମର ଆସୋସିଏଶନ୍‌ର ଆଞ୍ଚଳିକ ସମ୍ମିଳନୀ ରବିବାର ଜିଲା ଆସୋସିଏଶନ୍ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲା ଏନ୍ଇସିସି ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ସାହୁ ପୌରହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅଲ ଓଡ଼ିଶା ଆସୋସିଏଶନ୍‌ର ଅଧ୍ୟକ୍ଷ ମାନସ ମଙ୍ଗରାଜ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସଭାପତି ବୁଲେଆ ଚୌଧୁରୀ, ଉପ ସଭାପତି ଦେବଦତ୍ତ ବିଶ୍ୱାଳ, ସାଧାରଣ ସମ୍ପାଦକ ଏଲ.ସରୋଜ ପାତ୍ର ଓ କୋଷାଧ୍ୟକ୍ଷ ସନ୍ତୋଷ ପାତ୍ର ଯୋଗଦେଇଥିଲେ।

# ମାଲମାଲ ନକଲି କାରଖାନା

**କବିସୂର୍ଯ୍ୟନଗର ବ୍ଲକ**
- ପ୍ରସ୍ତୁତ ହେଉଛି ଅପମିଶ୍ରିତ ହଳଦୀ, ଲଙ୍କାଗୁଣ୍ଡ
- ପ୍ରଶାସନ ଦୃଷ୍ଟି ନ ଦେଲେ ଆନ୍ଦୋଳନ ଚେତାବନୀ

କବିସୂର୍ଯ୍ୟନଗର,୭।୨(ଡି.ଏନ୍.ଏ.)

କବିସୂର୍ଯ୍ୟନଗର ମୁଖ୍ୟରାସ୍ତା କଡରେ ଚାଲିଛି ମାଲମାଲ ବେଆଇନ ମସଲା, ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ଧୂପକାଠି କାରଖାନା। କିଛିଦିନ ହେଲା କଟକ, ଭୁବନେଶ୍ୱର ଓ ବ୍ରହ୍ମପୁରରେ ଧରପଗଡ ଜୋର୍‌ଦାର ହେବା ପରେ କବିସୂର୍ଯ୍ୟନଗରର ନକଲି ଓ ଅପମିଶ୍ରିତ କାରଖାନା ରାତାରାତି ବନ୍ଦ ହୋଇଯାଇଥିଲା। କିନ୍ତୁ ବର୍ତ୍ତମାନ କିଛିଦିନ ହେଲା ଧୀରେଧୀରେ ଉକ୍ତ କାରଖାନା ଗୁଡିକ ପୁଣି ଉତ୍ପାଦନ ଆରମ୍ଭ କଲେଣି। ସ୍ଥାନୀୟ କେତେଜଣ ରାଜନେତାଙ୍କ ଅଭୟବାଣୀ ପରେ କମ୍ପାନୀ ଖୋଲିଥିବା ସାଧାରଣରେ ଆଲୋଚନା ହେଉଛି। ଏସବୁ ସାମଗ୍ରୀ ପ୍ରସ୍ତୁତିରେ କାଠଗୁଣ୍ଡ, ପୋକ ଚାଉଳ ଗୁଣ୍ଡ, ବିଭିନ୍ନ ରାସାୟନିକ ରଙ୍ଗ ଓ ଦ୍ରବ୍ୟ ବ୍ୟବହାର ହେଉଥିବା ଜଣାପଡିଛି। ପ୍ରସ୍ତୁତକର୍ତ୍ତା ଭେଜାଲ ସାମଗ୍ରୀ ବିକି ମାଲାମାଲ ହୋଇଥିବା ଦେଖିବାକୁ ମିଳୁଛି। କମ୍ପାନୀଗୁଡିକରେ ନାବାଳକଙ୍କୁ ମଧ୍ୟ କାମରେ ଲଗାଯାଇଛି। କାରଖାନା ଆଗରେ କୌଣସି ବୋର୍ଡ ନାହିଁ। ରେଜିଷ୍ଟ୍ରେଶନ ନମ୍ବର ଓ ଜିଏସ୍‌ଟି ନମ୍ବର ନଥିବା ମଧ୍ୟ ଆଲୋଚନା ହେଉଛି। ସେଠାରେ ଉତ୍ପାଦିତ ସାମଗ୍ରୀରେ ମାନୁଫାକ୍‌ଚରିଂ ଓ ଏକ୍ସପାୟରି ତାରିଖ ମଧ୍ୟ ଲେଖାଯାଉନାହିଁ।

ଦେଖିବାକୁ ବାକି ରହିଲା ପ୍ରଶାସନ କେବେ ଏହି କାରଖାନାଗୁଡିକ ଉପରେ ଚଢାଉ କରୁଛି। ଏନେଇ ଥାନା ଅଧିକାରୀଙ୍କୁ ପଚାରିବାରୁ ଏହା ଆମ କ୍ଷମତା ପରିସରଭୁକ୍ତ ନୁହେଁ ବୋଲି କହିଛନ୍ତି। ଖାଦ୍ୟ ସୁରକ୍ଷା ଅଧିକାରିଣୀ ଶ୍ୱେତ ଖାଡ଼ଙ୍ଗାଙ୍କୁ ପଚାରିବାରୁ ସେ ବଦଳି ହୋଇଯାଇଥିବା କହିଛନ୍ତି। ଭ୍ରଷ୍ଟାଚାର ବିରୋଧୀ ମଞ୍ଚ ସଭାପତି ପ୍ରଭାତ କୁମାର ସାମଲ ଖୁବ୍ ଶୀଘ୍ର ଜିଲା ପ୍ରଶାସନ ଚଢାଉ କରିବାକୁ ଦାବି କରିଛନ୍ତି। ନଚେତ୍ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ୧୩ ଦିନ ପରେ ବି ଆସିଲାନି ଲାବ୍ ରିପୋର୍ଟ

**ଖାଇବା ତେଲ କମ୍ପାନୀରେ ଚଢ଼ାଉ ଘଟଣା**

ଗୋପାଳପୁର

ବ୍ରହ୍ମପୁର ସହର ଓ ଆଖପାଖ ଅଞ୍ଚଳରେ ନକଲି ସାମଗ୍ରୀ ବଜାରରେ ବିକ୍ରିବଟା ବୃଦ୍ଧି ପାଉଥିଲେ ମଧ୍ୟ ଖାଦ୍ୟ ସୁରକ୍ଷା ଅଧିକାରୀ ତତ୍ପରତା ଦେଖାଉ ନ ଥିବା ନେଇ ଅଭିଯୋଗ ହେଉଛି। ଗୋପାଳପୁର ଥାନା ରାମଚନ୍ଦ୍ରପୁରଠାରେ ଗ୍ଲୋବାଲ ଆଗ୍ରୋଟେକ୍ କମ୍ପାନୀରେ ଗତ ୨୫ ତାରିଖରେ ପୋଲିସ ଚଢ଼ାଉ କରି ନକଲି ଖାଇବା ତେଲ ଜବତ କରିଥିଲା। ଏ ନେଇ ନଂ. ୧୯/୨୧ରେ ମାମଲା ରୁଜୁ କରି କମ୍ପାନୀ ମାଲିକଙ୍କୁ ଅଟକ ରଖି ପଚରାଉଚରା କରାଯାଇଥିଲା। ଗତ ଦେଢବର୍ଷ ହେଲା କୌଣସି କାଗଜପତ୍ର ନ ଥାଇ ଜଣେ ବ୍ୟକ୍ତି ପାରାଦୀପର ଏକ କମ୍ପାନୀରୁ ତେଲ ଆଣି ରାମଚନ୍ଦ୍ରପୁରଠାରେ ପିଓର ଗୋଲଡ୍ ଓ ଫ୍ରେଶ୍ ଡ୍ରପ୍ ନାମକ ପାମ୍‌ଅଏଲ ଅପମିଶ୍ରିତ ତେଲ ପ୍ରସ୍ତୁତ କରି ବଜାରରେ ବିକ୍ରି କରୁଥିଲେ। ପୋଲିସ ଉକ୍ତ କମ୍ପାନୀରେ ଚଢ଼ାଉ କରିବା ବେଳେ ମାଲିକ ଠିକ୍ କାଗଜପତ୍ର ଓ ଲାଇସେନ୍ସ ଦେଖାଇ ପାରିନଥିଲେ। ଖାଦ୍ୟ ସୁରକ୍ଷା ଅଧିକାରୀ ଚିନ୍ମୟ ପାଢ଼ୀ ତେଲର ସାମ୍ପଲ ପରୀକ୍ଷା ପାଇଁ ଭୁବନେଶ୍ୱର ଲାବରେଟୋରୀକୁ ପଠାଇଥିଲେ। ଏହାର ୧୩ ଦିନ ବିତିଯାଇଥିଲେ ମଧ୍ୟ ରିପୋର୍ଟ ଆସିନାହିଁ। ବର୍ତ୍ତମାନ ସୁଦ୍ଧା ଉକ୍ତ କମ୍ପାନୀ ବନ୍ଦ ରହିଛି। ଆବଶ୍ୟକ କାଗଜପତ୍ର ଦାଖଲ ପାଇଁ ମାଲିକଙ୍କୁ କିଛିଦିନ ସମୟ ଦିଆଯାଇଛି । ଏହା ପରେ ପଦକ୍ଷେପ ନିଆଯିବ ବୋଲି ଖାଦ୍ୟ ସୁରକ୍ଷା ଅଧିକାରୀ କହିଛନ୍ତି। ଏ ସମ୍ପର୍କରେ ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତ କହିଛନ୍ତି, କମ୍ପାନୀ ମାଲିକଙ୍କ ନାଁରେ ମାମଲା ରୁଜୁ କରାଯାଇଛି। ଲ୍ୟାବ୍ ରିପୋର୍ଟ ଆସିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଦୁର୍ଘଟଣାରେ ବାପା ମୃତ, ମା' ପୁଅ ଗୁରୁତର

ପାରଳାଖେମୁଣ୍ଡି,୭।୨(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ନିକଟସ୍ଥ ରାଣୀପେଣ୍ଠ ଗ୍ରାମ ବିନୋଦିନୀ ମହାବିଦ୍ୟାଳୟ ନିକଟରେ ରବିବାର ଅପରାହ୍ନ ସାଢେ଼୪ଟା ବେଳେ ଏକ ବାଇକ୍ ସହ ବୋଲେରୋ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ତ୍ରୀ ଓ ପୁଅ ଗୁରୁତର ଆହତ ହୋଇଛନ୍ତି। ମୃତକ ଗୁମ୍ମା ବ୍ଲକ ଆବାସିଙ୍ଗ ଗ୍ରାମର ଜୋଏବ ଗମାଙ୍ଗ।

ଜୋଏବ ସ୍ତ୍ରୀ ଅନିତା ଏବଂ ପୁଅ ଅମୀଙ୍କ ସହ ବାଇକ୍ (ଏପି୩୧ବିକେ-୭୦୨୪)ଯୋଗେ ଶ୍ୱଶୁର ଘରୁ ନିଜ ଗ୍ରାମ ଲକ୍ଷ୍ମୀପୁର ଫେରୁଥିଲେ। ବିନୋଦିନୀ ମହାବିଦ୍ୟାଳୟ ନିକଟରେ ସମ୍ମୁଖ ପଟୁ ଆସୁଥିବା ଏକ ବୋଲେରୋ (ଓଆର୍୧୮ସି-୨୦୩୬)ଧକ୍କା ଦେଇଥିଲା। ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଜୋଏବଙ୍କୁ ମୃତ ଘୋଷଣା କରିଥିଲେ। ଅନିତା ଓ ଅମୀଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ପୋଲିସ ତଦନ୍ତ ଆରମ୍ଭ କରିବା ସହ ଏକ ମାମଲା ରୁଜୁ କରିଛି।

# ଭାସ୍କର ଏକାଡେମୀ କୋରାପୁଟ ବିଜୟୀ



ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

**ଏମ୍‌ଏଲ୍‌ଏ କପ୍ ଫୁଟବଲ୍ ଟୁର୍ନାମେଣ୍ଟ**

କ.ନୂଆଗାଁ,୭।୨(ଡି.ଏନ୍.ଏ.)

କ.ନୂଆଗାଁ ବ୍ଲକ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚାଲିଥିବା ଏମ୍‌ଏଲ୍‌ଏ କପ୍ ଫୁଟବଲ୍ ଟୁର୍ନାମେଣ୍ଟର ଶନିବାର ପଞ୍ଚମ ଦିନ ମ୍ୟାଚ ନୀତା ଅମ୍ବାନୀ କ୍ଲବ୍ ପୁରୀ ଓ ଭାସ୍କର ଏକାଡେମୀ କୋରାପୁଟ ମଧ୍ୟରେ ହୋଇଥିଲା। କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଓ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମ୍ୟାଚ ଜିତି ଭାସ୍କର ଏକାଡେମୀ କ୍ଲବ ସେମିଫାଇନାଲ୍‌ରେ ପ୍ରବେଶ କରିଛି। ପୁରୀର ପିଣ୍ଟୁ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ବାଲିଗୁଡା ବିଧାୟକ ଚକ୍ରମଣି କହଁର, ପରିଚାଳନା କମିଟି ସଭାପତି କୃଷ୍ଣ ମୋହନ ପାଣିଗ୍ରାହୀ, ଟିକାବାଲି ବ୍ଲକ ଅଧ୍ୟକ୍ଷା ସୁଚିତ୍ରା ପ୍ରଧାନ, ନୂଆଗାଁ ବ୍ଲକ ଅଧ୍ୟକ୍ଷା ସୁଲୋଚନା ଦଳବେହେରା, ଏମ୍‌ପି ପ୍ରତିନିଧି ବାସୁଦେବ ପଣ୍ଡା, ଶହଦେବ ପାତ୍ର, ସମ୍ପାଦକ ହିତେଶ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଆଜିର ମ୍ୟାଚ୍‌କୁ ଶ୍ୟାମସୁନ୍ଦର ସାହା, କାମାକ୍ଷା ପ୍ରଧାନ, ରାକେଶ କୁମାର କୋଠଦଳାଇ, ତନ୍ମୟ ବିଷୋୟୀ ପରିଚାଳନା କରିଥିଲେ।

# ରାଷ୍ଟ୍ରୀୟ ସମ୍ମାନ ସହ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ



ଯବାନଙ୍କ ମରଶରୀରକୁ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରାଯାଉଛି।

ହିଞ୍ଜିଳିକାଟୁ,୭।୨(ଡି.ଏନ୍.ଏ.)

ପଶ୍ଚିମବଙ୍ଗ ମୁର୍ଶିଦାବାଦ୍‌ର ରୋଶନ୍‌ବାଗ୍ ବିଏସ୍‌ଏଫ କ୍ୟାମ୍ପରେ କାର୍ଯ୍ୟରତ ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ବାଳକୃଷ୍ଣପୁର ଗ୍ରାମର ଯବାନ ତ୍ରିନାଥ ସ୍ୱାଇଁ( ୫୫)ଙ୍କ ଶୁକ୍ରବାର ସେଠାରେ ମୃତ୍ୟୁ ଘଟିଥିଲା। ରବିବାର ମରଶରୀର ବିଏସ୍‌ଏଫ୍ ପକ୍ଷରୁ ପୈତୃକ ଗ୍ରାମ ବାଳକୃଷ୍ଣପୁରକୁ ସ୍ୱତନ୍ତ୍ର ଗାଡ଼ିରେ ଅଣାଯାଇ ଥିଲା। ଜିଲା ପୋଲିସ ପକ୍ଷରୁ ଯବାନଙ୍କ ମରଶରୀରକୁ ତୋପ ସଲାମୀ ସହ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରାଯାଇଥିଲା। ଗ୍ରାମବାସୀ ଶହୀଦ ଯବାନ ଅମର ରହେ ଧ୍ୱନିରେ ମରଶରୀରକୁ ଗ୍ରାମ ପରିକ୍ରମା କରାଇ ଶେଷକୃତ୍ୟ କରିଥିଲେ। ମୃତ ଯବାନ ଏଏସ୍‌ଆଇ ର୍‌ୟାଙ୍କର ଓ ସେ ମେଡ଼ିକାଲ ବିଭାଗରେ କାର୍ଯ୍ୟ କରୁଥିଲେ। ଅସୁସ୍ଥ ଯୋଗୁ ଶୁକ୍ରବାର ତାଙ୍କର ସେଠାରେ ମୃତ୍ୟୁ ଘଟିଥିବା ବିଏସ୍‌ଏଫ୍ ପକ୍ଷରୁ କୁହାଯାଇଛି।

## କବିସୂର୍ଯ୍ୟ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଦିଗପହଣ୍ଡି,୭।୨(ଡି.ଏନ୍.ଏ.)

ଆସନ୍ତା ୧୬ ତାରିଖରେ କବିସୂର୍ଯ୍ୟ ମହୋତ୍ସବ ନିମନ୍ତେ ରବିବାର ଦିଗପହଣ୍ଡି ବସ୍‌ଷ୍ଟାଣ୍ଡ ନିକଟସ୍ଥ ଗ୍ରାମଦେବତୀ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଦିଗପହଣ୍ଡି ବିକାଶ ପରିଷଦ ପକ୍ଷରୁ ଆୟୋଜିତ ବୈଠକରେ ପରିଷଦର ସଭାପତି ଅଶେଷନାଥ ମିଶ୍ର ଅଧ୍ୟକ୍ଷତା କରିଥିଲେ। ସଦସ୍ୟ ପଦ୍ମଚରଣ ମେକାପ୍, କାଳୁଚରଣ ପାଣିଗ୍ରାହୀ, ସତ୍ୟନାରାୟଣ ପାଠୀ, ପ୍ରମୋଦ ପାଣିଗ୍ରାହୀ, ସତ୍ୟନରାୟଣ ଦାଶ, ତାରା ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ମହୋତ୍ସବ ପରିଚଳନା କମିଟି ସର୍ବସମ୍ମତି କ୍ରମେ ଚୟନ କରାଯାଇଛି । ମିଡିଆସେଲ୍‌ର ସଦସ୍ୟ ଭାବେ ଗୋପାଳକୃଷ୍ଣ ମଲ୍ଲୀକ୍, ସଞ୍ଜିବ୍ କୁମାର ପାତ୍ର ଓ କିରନ୍ କୁମାର ବେହେରାଙ୍କୁ ମନୋନୀତ କରାଯାଇଛି।

## ନାଥେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ: ପାତ୍ରପୁର ବିଜୟୀ

ଶେରଗଡ,୭।୨(ଡି.ଏନ୍.ଏ.)

ଶେରଗଡ ବ୍ଲକ ଧନନ୍ତର ଠାରେ ନାଥେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ସାମାଜିକ କର୍ମୀ ନିରଞ୍ଜନ ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ସରପଞ୍ଚ ପ୍ରତିନିଧି ମକରା ସ୍ୱାଇଁ, ସଞ୍ଜୟ କୁମାର ଜେନା, ଈଶ୍ୱର ଜେନା, ସୁଦାମ ଚରଣ ଗୌଡ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ପାତ୍ରପୁର ଓ ସିଦ୍ଧେଶ୍ୱର କ୍ରିକେଟ୍ ଟିମ୍ ମଧ୍ୟରେ ଖେଳାଯାଇଥିଲା। ଟସ୍ ଜିତି ସିଦ୍ଧେଶ୍ୱର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୪.୧ ଓଭରରେ ୬୩ରନ କରିଥିଲା। ଜବାବରେ ପାତ୍ରପୁର ୭.୧ ଓଭରରେ ୬୪ ରନ କରି ବିଜୟୀ ହୋଇଥିଲା। ପାତ୍ରପୁରର ବନିଆ ପ୍ରଧାନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

# ଆନ୍ତଃଜିଲା ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ସୋରଡା,୭।୨(ଡି.ଏନ୍.ଏ.)


ଅତିଥିମାନଙ୍କ ସହ ଉଭୟ ଦଳର ଖେଳାଳି।

ସୋରଡ଼ାର ବୋର୍ଡ ୟୁ ପି ବିଦ୍ୟାଳୟ ଖେଳପଡିଆଠାରେ ଋଷିକୁଲ୍ୟା ଭଲିବଲ କ୍ଲବ ତରଫରୁ ରବିବାରଠାରୁ ଆନ୍ତଃଜିଲା ଭଲିବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଗଞ୍ଜାମ, ଗଜପତି, କନ୍ଧମାଳ ଜିଲାରୁ ୧୨ଟି ଦଳ ଏଥିରେ ଯୋଗଦେବାକୁ ନାମ ପଞ୍ଜୀକରଣ କରିଛନ୍ତି। ଟୁର୍ନାମେଣ୍ଟ ଅଧ୍ୟକ୍ଷ ତଥା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଆଇଆଇସି ରମେଶ କୁମାର ପ୍ରଧାନ ବ୍ଲକ ଉପାଧ୍ୟକ୍ଷ ବିକଳ ବେହେରା, କ୍ଲବ ସଭାପତି ଜିତେନ୍ଦ୍ର କୁମାର ପାଣ୍ଡେ ପ୍ରମୁଖ ଯୋଗଦେଇଥିଲେ। ଖେଳକୁ ଆକର୍ଷଣ କରିବାକୁ କନ୍ଧମାଳ ଜିଲାରୁ ପାରମ୍ପରିକ ବାଦ୍ୟଦଳ ଆସି ବାଦ୍ୟ ପ୍ରଦର୍ଶନ କରିଥିଲେ। ମଶାଲ ଶୋଭାଯାତ୍ରା ନଗର ପରିକ୍ରମା କରିବାପରେ ବିଧାୟକଙ୍କ ଦ୍ୱାରା ପୂର୍ବତନ ଖେଳାଳି ସୟଦ ରିୟାଜ, ସୟଦ ରଫି, ବାୟା ମହାରଣା, ଜନ ବେହେରା ସମେତ ବହୁ ଖେଳାଳି ମାନଙ୍କୁ ଉପଢୌକନ ଦେଇ ସନମାନ ପ୍ରଦାନ କରଯାଇଥିଲା। ପ୍ରଥମ ଦିନ ତୁମୁଡିବନ୍ଧ ଓ ଅଡବା ମଧ୍ୟରେ ଖେଳ ହୋଇଥିଲା। ୧୩ ଦିନ ଧରି ଚାଲିବାକୁ ଥିବା ଏହି ଖେଳ କାର୍ଯ୍ୟକ୍ରମକୁ ଟୁନା ବେହେରା, ସୟଦ ୱାସିମ, ସରୋଜ ପ୍ରଧାନ, ମନୋଜ ପ୍ରଧାନ, ଡିଲୁ ମହାରଣା, ରାଜେଶ ନାୟକ, ଏମ୍ ସାକିର ପ୍ରମୁଖ ପରିଚାଳନା କରୁଛନ୍ତି ।

# ଗଞ୍ଜାମର କବିତାଘର ଶୀତ ଆସର



ଉପସ୍ଥିତ ଅତିଥିବୃନ୍ଦ।

ରମ୍ଭା/ଗଞ୍ଜାମ,୭।୨

ଗଞ୍ଜାମ ବ୍ଲକ ରମ୍ଭା ସହରର ଗାୟତ୍ରୀ ଶକ୍ତିପୀଠଠାରେ ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟ ବ୍ରହ୍ମପୁର ତରଫରୁ ଶୀତ କବିତା ଆସର ୨୦୨୧ ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ବାଦ ସାହିତ୍ୟ ଘର ରମ୍ଭା ବିଜ୍ଞାପିତ ଅଞ୍ଚଳ ପରିଷଦ, ଜ୍ଞାନ ଜ୍ୟୋତି ଚାରି ଟେବୁଲ ଟ୍ରଷ୍ଟ କରଞ୍ଜିଆ ଓ ସିନ୍ଧୁଉର୍ମି ସାହିତ୍ୟ ପରିଷଦ ଖଲ୍ଲିକୋଟର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ଭାଗିରଥି ବେହେରା ସଂଯୋଜନା କରିଥିଲେ। କୁକୁଡ଼ାଖଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାହିତ୍ୟିକ ଗଦାଧର ପାତ୍ର ମୁଖ୍ୟ ଅତିଥି, ଚକ୍ଷୁ ବିଶେଷଜ୍ଞ ସାହିତ୍ୟିକ ଡାକ୍ତର ରାଜେନ୍ଦ୍ର କୁମାର ବେହେରା ମୁଖ୍ୟବକ୍ତା, ବରିଷ୍ଠ ଓକିଲ ସାହିତ୍ୟିକ ସୁଧାଂଶୁ ଶେଖର ସାହୁ ସମ୍ମାନିତ ବକ୍ତା ଓ ପ୍ରାକ୍ତନ ନଗରପାଳ ସୁବାସ ଚନ୍ଦ୍ର ପଣ୍ଡା ଓ ସମ୍ବାଦ ସାହିତ୍ୟ ଘର ରମ୍ଭାର ଉପଦେଷ୍ଟା ଅବସରପ୍ରାପ୍ତ କେନ୍ଦ୍ରୀୟ ଶ୍ରମ କମିଶନର ତ୍ରିନାଥ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ମଞ୍ଚରେ କବି ସୁବାସ ଚନ୍ଦ୍ର ପଣ୍ଡା, କବି ପଞ୍ଚାନନ ଖଟୁଆ, କବି ଶେଷଦେବ ବେହେରା ଓ କବୀ ଅଞ୍ଜନା ବେହେରାଙ୍କୁ ଗଞ୍ଜାମର କବିତାଘର ଦକ୍ଷ ସଦସ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। କବି ଜୟନ୍ତୀ ବେହେରାଙ୍କ ନୂତନ କବିତା ସଙ୍କଳନ ଅଜ୍ଞାତ ବନର କବିତା ଉନ୍ମୋଚନ ହୋଇଥିଲା। ଜ୍ୟୋସ୍ନାରାଣୀ ପ୍ରଧାନ, ଭିକାରୀ ବେହେରା, ମନୋଜ ବେହେରା, ଶେଷଦେବ ବେହେରା ପ୍ରମୁଖ ୭୦ ରୁ ଉର୍ଦ୍ଧ୍ୱ କବୟିତ୍ରୀ କବି ସେମାନଙ୍କର ସ୍ୱ ରଚିତ କବିତା ପାଠ କରିଥିଲେ।

# ଗଞ୍ଜାମର ସ୍ୱର ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା


ଜଣେ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭଞ୍ଜନଗର,୭।୨(ଡି.ଏନ.ଏ)

ଲକ୍ ଡ଼ାଉନ ସମୟରେ ଗଞ୍ଜାମର କୃତୀ କଳାକାରଙ୍କୁ ଖୋଜି ବାହାର କରିବା ପାଇଁ ଗଞ୍ଜାମର ସ୍ୱର ପ୍ରତିଯୋଗୀତା ଆୟୋଜନ ହୋଇଥିଲା। ଏଥିରେ କୃତୀତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ରବିବାର ସମ୍ବର୍ଦ୍ଧିତ କରାଯାଇଛି। ନୃତାୟନ ସଙ୍ଗୀତାୟନ ଅନୁଷ୍ଠାନର ୯ମ ବାର୍ଷିକୋତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବାଉଁଶଲୁଣ୍ଡି କୁରୁମପେଣ୍ଠାରେ ଆୟୋଜିତ ସଭାରେ ଜଗନ୍ନାଥପ୍ରସାଦ ମହାବିଦ୍ୟାଳୟ ଅଧ୍ୟକ୍ଷ ନୃସିଂହ ଚରଣ ପ୍ରଧାନ ସଭାପତିତ୍ୱ କରିଥିଲେ। ସମ୍ପାଦକ ରବି ଦାସ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଆଦିକନ୍ଦ ଗୌଡ଼, ନାଟ୍ୟକାର ପ୍ରତାପ ଚନ୍ଦ୍ର ସ୍ୱାଇଁ, ଓଡ଼ିଶୀ କଣ୍ଠଶିଳ୍ପୀ ରୋଜି ପ୍ରଧାନ, ଅବସରପ୍ରାପ୍ତ ରେଞ୍ଜର ଅନୁପମ ବାନାର୍ଜି, ସାମାଜିକ କର୍ମୀ ଶୁଳପାଣି ଶତପଥି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ, ରୋଟାରୀ କ୍ଲବର ପୂର୍ବତନ ସଭାପତି ଶ୍ରୀରାମ ପାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାର କେତେଜଣ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆର୍ଥିକ ସ୍ଥିତି ସୁଦୃଢ଼ କରୁଛି କ୍ରଏଲର

ଫୁଲବାଣୀ ଅଫିସ, ୭।୨


ଉତ୍ପାଦିତ କୁକୁଡା ଚିଆଁ।

କନ୍ଧମାଳ ଜିଲାରେ ଚାଷୀଙ୍କୁ ଉନ୍ନତି ପାଇଁ ଏବେ ବାଡ଼ି ବଗିଚାରେ କୁକୁଡ଼ା ଚାଷ ଯୋଜନାରେ କ୍ରଏଲର କୁକୁଡ଼ା ପାଳନକୁ ଅଗ୍ରାଧିକାର ଦିଆଯାଉଛି। ଜିଲା ପ୍ରାଣୀଧନ ସମ୍ପଦ ବିଭାଗ ପକ୍ଷରୁ ଆଦିବାସୀ ଏବଂ ପଛୁଆବର୍ଗଙ୍କ ବିକାଶ ଲାଗି ଏହି ବିଶେଷ ସହାୟତା ପ୍ରଦାନ କରାଯାଉଛି। ଲୋକଙ୍କ ଆର୍ଥିକ ବିକାଶ ପାଇଁ ମାଗଣାରେ ଏହି କୁକୁଡ଼ା ଦିଆଯାଉଛି। ଏହି କୁକୁଡ଼ା ବାଡି ବଗିଚାରେ ବୁଲି ଖାଦ୍ୟ ସଂଗ୍ରହ କରିପାରିବେ। ଗୋଟିଏ କୁକୁଡା ବର୍ଷକୁ ୧୫୦ ଅଣ୍ଡା ଦେଉଥିବା ବେଳେ ୩ରୁ ୪ ମାସ ମଧ୍ୟରେ ୩କେଜି ପର୍ଯ୍ୟନ୍ତ ବଢ଼ିପାରୁଛି। ଯାହାକୁ ବିକି ଚାଷୀ ଲାଭବାନ ହେଉଛନ୍ତି।

କନ୍ଧମାଳ ଜିଲାରେ ସରକାରୀ ଭାବେ ଦୁଇଟି ହ୍ୟାଚେରୀ (ଅଣ୍ଡା ଫୁଟା କେନ୍ଦ୍ର) ରହିଛି। ଗୋଟିଏ ଫୁଲବାଣୀରେ ଏବଂ ଅନ୍ୟଟି ବାଲିଗୁଡ଼ାରେ । ହ୍ୟାଚେରୀ ୨ଟି ବହୁ ବର୍ଷ ହେଲା ବନ୍ଦ ରହିବା ପରେ ଗତ ଜାନୁୟାରୀରୁ ଏହାକୁ କାର୍ଯ୍ୟକ୍ଷମ କରାଯିବା ଲାଗି ପ୍ରୟାସ ଆରମ୍ଭ ହୋଇଛି। ଏବେ ସେଠାରେ ଅଣ୍ଡାରୁ ଛୁଆ ବାହାର କରାଯାଉଛି। ବାଙ୍ଗାଲୋରର ଏକ ଫାର୍ମରୁ କ୍ରଏଲର କୁକୁଡା ଅଣ୍ଡା ଅଣାଯାଇ ଏଠାରେ ଚିଆଁ ଉତ୍ପାଦନ କରାଯାଉଛି। ଗୋଟିଏ ହ୍ୟାଚେରୀରେ ଥରକେ ୫୦୦୦ ଅଣ୍ଡା ବସୁଛି। ସେଥିରୁ ପାଖାପାଖି ୮୩ ପ୍ରତିଶତ ଚିଆଁ ବାହାରୁଛନ୍ତି। ଚିଆଁକୁ ସେଠାରୁ ଜିଲାରେ ଥିବା ମଦର ୟୁନିଟକୁ ନେଇ ମାସେ ରଖାଯାଇ ବଡ଼ କଲା ପରେ ଚାଷୀଙ୍କୁ ମାଗଣାରେ ଦିଆଯାଉଛି । କ୍ରଏଲର କୁକୁଡା ଉତ୍ପାଦନରେ କନ୍ଧମାଳ ଜିଲା ଏବେ ରାଜ୍ୟରେ ପ୍ରଥମ ସ୍ଥାନରେ ରହିଛି।

ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଚୟନ କରାଯାଇଥିବା ଗରୀବ ଚାଷୀଙ୍କୁ ଜଣପିଛା ୫୦ଟି ଲେଖାଏ କୁକୁଡା ଛୁଆ ଦୁଇଟି ପର୍ଯ୍ୟାୟରେ ପ୍ରଦାନ କରାଯାଉଛି। ସେହିପରି କୁକୁଡା ଘର ପାଇଁ କିଛି ଆର୍ଥିକ ସହାୟତା ମଧ୍ୟ ଦିଆଯାଉଛି । ଏ ପର୍ଯ୍ୟନ୍ତ ୨୫୧ ଚାଷୀ ଉପକୃତ ହୋଇ ସାରିଲେଣି। ଗତବର୍ଷ ୪୦୦ ଚାଷୀଙ୍କୁ ଏଥିଲାଗି ବଛା ଯାଇଥିଲା । ସେମାନେ ପ୍ରାୟ ସମସ୍ତେ ପ୍ରଥମ ଦଫା କୁକୁଡ଼ା ଛୁଆ ପାଇ ସାରିଲେଣି।

ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଗୌର କିଶୋର ସାହୁ କହିଛନ୍ତି, ଆଗାମୀ ଦିନରେ ଲୋକଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ କ୍ରଏଲର କୁକୁଡା ପାଳନକୁ ଅଗ୍ରାଧିକାର ଦେବା ସହ ଅନ୍ୟ ଯୋଜନାର ସଫଳ ରୂପାୟନ ଲାଗି ଆମେ ଚେଷ୍ଟା ଜାରି ରଖିଛୁ । ଲୋକଙ୍କୁ ବିଭିନ୍ନ ଯୋଜନା ବିଷୟରେ ଅବଗତ କରିବା ପାଇଁ କର୍ମଚାରୀମାନେ ଉଦ୍ୟମ ଜାରି ରଖିଛନ୍ତି। ଲୋକେ ନିଶ୍ଚିତ ଉପକୃତ ହେବେ।

